# ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ

ପତ୍ର ସଂଖ୍ୟା :186 ତା : 26.02.2021

## ବିଜ୍ଞାପନ

ଏତଦ୍ୱାରା ହିଞ୍ଜିଳିକାଟୁ ପରକଳ୍ପ ଅଧିନର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି, ଓଡିଶା ସରକାରଙ୍କ ମହିଳା ,ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ( ପତ୍ର ସଂଖ୍ୟା 145 ତା 2.05.2007 ରିଖ ) ନିର୍ଦ୍ଦେଶନାମା ମୁତାବକ ନିମ୍ନ ଲିଖିତ ଅଙ୍ଗନ୍ୱାଡି କେନ୍ଦ୍ର ମାନଙ୍କରେ ଖାଲି ପଡିଥିବା ଅଙ୍ଗନ୍ୱାଡି କର୍ମୀ ନିଯୋଜନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିମ୍ନ ଲିଖିତ ଯୋଗ୍ୟତା ଥାଇ ସମ୍ପୂର୍ଣ ଏଚ୍ଛୁକ ପାର୍ଥିନୀ ମାନେ ଖାଲିପଡିଥିବା ଅଙ୍ଗନ୍ୱାଡି କେନ୍ଦ୍ର ସକାଶେ ନିରଧିତ ଆବେଦନ ଫର୍ମ ରେ ନିମ୍ନ ସ୍ୱାକ୍ଷରକାରୀ ଙ୍କ ନିକଟରେ ଏହି ବିଜ୍ଞାପନ ପ୍ରକାଶ ହେବାର 15 (ପନ୍ଦର ) ଦିନ ମଧରେ ଅର୍ଥାତ ତା 12.03.2021 ରିଖ ସୁଦ୍ଧା ( ସରକାରୀ ଛୁଟି ଦିନ ବ୍ୟତୀତ ପୂର୍ବାହ୍ନ ୧୦.୦୦ ଘଣ୍ଟିକା ଠାରୁ ଅପରାହ୍ନ ୦୫.୩୦ ଘଣ୍ଟିକା ମଧରେ ) ଜଉମୁଦ ଲଫାପାରେ ନିଜେ କିମ୍ବା ସ୍ପିଡ ପୋଷ୍ଟ / ରେଜିଷ୍ଟର ପୋଷ୍ଟ ମାଧମରେ ଦାଖଲ କରିପାରିବେ । ନିର୍ଧାରିତ ସମୟ ପରେ ପହଞ୍ଚିବା ଦରଖାସ୍ତ ଗୁଡିକ ଗ୍ରହଣ କରାଯାଇ ବିଚାରକୁ ନିଆଯିବ ନାହିଁ । ଏହି ନିଯୋଜନ ସମ୍ପୂର୍ଣ ଭାବେ ଅସ୍ଥାୟୀ ଅଟେ ଏବଂ ଏହି ନିଯୋଜନାରେ ORV Act. ପ୍ରଯୁଜ୍ୟ ନୁହେଁ । ଭବିଷ୍ୟତରେ କୌଣସି କର୍ମୀ ଙ୍କ କାର୍ଯ୍ୟ ସନ୍ତୋଷ ଜନକ ନହେଲେ ତାଙ୍କୁ ଓଡିଶା ସରକାରଙ୍କ ନିୟମ ମୁତାବକ କାର୍ଯ୍ୟ ରୁ ଅନ୍ତରକରାଯିବ । ନିର୍ଧାରିତ ସମୟ ମଧରେ ପ୍ରାପ୍ତ ହୋଇଥିବା ସମସ୍ତ ଦରଖାସ୍ତ କ୍ରମାନ୍ୱୟରେ ତା ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ଠାରୁ ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ଠାରେ ଯାଞ୍ଚ କରାଯିବ । ସେହି ଯାଞ୍ଚ ସମୟରେ ସମ୍ପୃକ୍ତ ପାର୍ଥିନୀ ସମସ୍ତ କାଗଜତର ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବେ ।

ମୂଳ ପ୍ରମାଣ ପତ୍ର ଯାଞ୍ଚ ପରେ ଆବେଦନ କରିଥିବା ପାର୍ଥିନୀଙ୍କ ନାମ ତାଲିକା ପ୍ରକାଶ କରାଯିବ ଏବଂ ପାର୍ଥିନୀ ଙ୍କ ସ୍ଥାୟୀ ବାସିନ୍ଦା, ଶିକ୍ଷାଗତ ଯୋଗ୍ୟତା ,ଜାତି ଏବଂ ଆନ୍ୟାନ୍ୟ ଯୋଗ୍ୟତା ସମ୍ବନ୍ଧରେ ଯଦି କୌଣସି ବ୍ୟକ୍ତି / ଗୋଷ୍ଠୀ ର ଅଭିଯୋଗ ଥାଏ ତେବେ ସେମାନେ ୦୭ ଦିନ ମଧରେ ଲିଖିତ ଅଭିଯୋଗ ଉକ୍ତ କାର୍ଯ୍ୟାଳୟ ଠାରେ କାର୍ଯ୍ୟ ଦିବସ ଓ ସମୟ ମଧରେ ଦାଖଲ କରିବେ ।

ଖାଲିପଡିଥିବା ଅଙ୍ଗନ୍ୱାଡି କେନ୍ଦ୍ର ଗୁଡିକର ନାମ -

| କେନ୍ଦ୍ର ର ନାମ | କେନ୍ଦ୍ରାଞ୍ଚଳ ସଲଗ୍ନ ସାହି |
|---|---|
| ବୁରୁପଡା -୩ | ୧। ଦଳେଇ ସାହି ( ବାମ ପାର୍ଶ୍ୱ ୧-୪୯ ଘର ପର୍ଯ୍ୟନ୍ତ ) |
| | ୧ ନଂଘର ପୀତାମ୍ବର ଦଳେଇ ଠାରୁ ୪୯ ନଂ ଘର ରମେଶ ସାମଲ ପର୍ଯ୍ୟନ୍ତ |
| | ଦଳେଇ ସାହି ( ଡାହାଣ ପାର୍ଶ୍ୱ ୮୯-୧୩୬ ଘର ପର୍ଯ୍ୟନ୍ତ ) |
| | ୮୯ ନଂ ସିବା ନାହକ ଠାରୁ ୧୩୬ ନଂ ଘର ଗୋପାଳ ସେଠୀ । |
| | ୨। ଅତୁଆ ସାହି (୫୦-୮୮) ଘର ନଂ |
| | ୫୦ ନଂ ଘର କୈଳାଶ ସ୍ୱାଇଁ ୮୮ ନଂ ଘର ରଙ୍କ ବଡ଼ତ୍ୟା । |

ଅଙ୍ଗନ୍ୱାଡି କର୍ମୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟତା :

୧। ଆବେଦନ କାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁନ୍ୟ ଦଶମ ଶ୍ରେଣୀ ପାସ ଅଥବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ ।

୨। ସେବା କାର୍ଯ୍ୟରେ ଆଗ୍ରହୀ ଥିବା ମହିଳା ହିଁ ଅବେଦନ କରିପାରିବେ।

୩। ଆବେଦନକାରୀ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରାଞ୍ଚଳ ଅଧୀନ ର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ଯଦି ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ରୁ ପାର୍ଥିନୀ ଉପଲବ୍ଧ ନଥିବେ ତେବେ ସେହି ଗ୍ରାମ ର ଅନ୍ୟ କୌଣସି କେନ୍ଦ୍ରାଞ୍ଚଳ ର ପାର୍ଥିନୀ ଅବେଦାନ କରିପାରିବେ ଏବଂ ଯଦି

ପୂର୍ବ ଦୁଇଗୋଟି ଅଞ୍ଚଳର ପାର୍ଥିନୀ ନମିଳନ୍ତି ତେବେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ର ଅଧୀନରେ ଯେକୌଣସି ପାର୍ଥିନୀ ଆବେଦନ କରିପାରିବେ।

୪। ଆବେଦନକାରୀଙ୍କ ବୟସ ତ ୧.୧.୨୦୨୧ ରିଖ ସୁଦ୍ଧା ୧୮ ବର୍ଷ ସମ୍ପୂର୍ଣ୍ଣ ହୋଇଥିବା ଏବଂ ୪୨ ବର୍ଷ ହୋଇଥିବା ଆବଶ୍ୟକ ।

୫। ଯଦି ଅଙ୍ଗନ୍ୱାଡି ସାହାଯ୍ୟକାରିଣୀ ଉପରଲିଖିତ ସମସ୍ତ ଯୋଗ୍ୟତା ଥିବା ଏବଂ ସାହାଯ୍ୟକାରିଣୀ ରୂପେ ପାଞ୍ଚ ବର୍ଷରୁ ଅଧିକ କାର୍ଯ୍ୟ ତୁଲାଇଥିବେ ତେବେ ସେ ମଧ୍ୟ ଏହି ପଦବୀ ପାଇଁ ଆବେଦନ କରିପାରିବେ ।

<u>ଦରଖାସ୍ତ ସହ ଆବଶ୍ୟକ କାଗଜାତ</u>

୧। ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର । (Residential Certificate / Nativity Certificate ଏହି ବିଜ୍ଞାପନ ପ୍ରକାଶନ ତାରିଖର ପାଞ୍ଚ ବର୍ଷ ମଧ୍ୟ ରେ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ଆବଶ୍ୟକ । )

୨। ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟ ନକଲ । ( ପାର୍ଥିନୀ ଯଦି ଓଡିଆ ମାଧ୍ୟମରେ ଦଶମ ଶ୍ରେଣୀ ପାସ କରି ନଥିବେ ତେବେ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଅନୁଷ୍ଠାନରୁ ଓଡିଆ ବିଷୟ ଥାଇ ଅନ୍ୟୁନ୍ୟ ସପ୍ତମ ଶ୍ରେଣୀ ପାସ କରିଥିବା ପ୍ରମାଣ ପତ୍ର ଅ ନକଲ ସଲଗ୍ନ କରିବେ ।

୩। ଦଶମ ଶ୍ରେଣୀ ମାର୍କସିଟ ର ନକଲ ।

୪। ଯଦି ଉଚ୍ଚତର ଶିକ୍ଷା ଥାଏ ତାହାର ପ୍ରମାଣପତ୍ରର ନକଲ ଦେବେ।

୫। ଯଦି ଦରଖାସ୍ତକାରୀ ସରଂକ୍ଷିତ ବର୍ଗର ଅଟନ୍ତି ତେବେ ଜାତିଗତ ପ୍ରମାଣପତ୍ର ର ନକଲ ଦେବେ।

୬। ଯଦି ଦରଖାସ୍ତକାରୀ ଭିନ୍ନକ୍ଷମ ବର୍ଗର ଅଟନ୍ତି ତେବେ ତାହାର ପ୍ରମାଣପତ୍ର ର ନକଲ ଦେବେ।

୭। ଯଦି ଦରଖାସ୍ତକାରୀ ଅନାଥ / ବିଧବା / ଅସହାୟ ହୋଇଥିବେ ତେବେ ଆବଶ୍ୟକୀୟ ପ୍ରମାଣପତ୍ର ର ନକଲ ଦେବେ।

୮। ଯଦି ଦରଖାସ୍ତକାରୀ ଅବିବାହିତ ଓ 35 ବର୍ଷରୁ ଉର୍ଦ୍ଧ ହୋଇଥିବେ ଏବଂ 42 ବର୍ଷ ରୁ ଉର୍ଦ୍ଧ ହୋଇନଥିବେ କିମ୍ବା ମଧ୍ୟରେ ହୋଇଥିବେ ତେବେ ଅବିବାହିତ ଶପଥ ପାତ୍ର ( Affidavit) ଦାଖଲ କରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ହିଞ୍ଜିଳିକାଟୁ
ଜନ ସୂଚନା ଅଧିକାରୀ
ଶିଶୁ ବିକାଶ ପ୍ରକଳ୍ପ, ହିଞ୍ଜିଳିକାଟୁ

ଦ୍ରଷ୍ଟବ୍ୟ :

୧। ଦରଖାସ୍ତ ଆହ୍ୱାନ ର ଶେଷ ତାରିଖ ପରବର୍ତ୍ତୀ ଦିବସ ଅର୍ଥାତ ତା ୧୫.୦୩.୨୦୨୧ ରିଖ ସୋମବାର ପୂର୍ବାହ୍ଣ ୧୦.୦୦ ଘଣ୍ଟା ଠାରୁ ସନ୍ଧ୍ୟା ୫.୦୦ ଘଣ୍ଟା ପର୍ଯ୍ୟନ୍ତ ଆବେଦନ କାରିଣୀ ନିଜର ସମସ୍ତ ମୂଳ ପ୍ରମାଣ ପତ୍ର । ଯାଞ୍ଚ ଅଧିକାରୀଙ୍କୁ ପ୍ରଦାନ କରିବେ । ନିଜେ ଉପସ୍ଥିତ ରହି ଯାଞ୍ଚ କାର୍ଯ୍ୟ ସମୟରେ ନିଜର ସମସ୍ତ ମୂଳ ପ୍ରମାଣ ପତ୍ର ଯାଞ୍ଚ ଅଧିକାରୀଙ୍କୁ ପ୍ରଦାନ କରିବେ ।

୨। ଆବେଦନକାରୀଙ୍କ ବିରୁଦ୍ଧ ରେ ଯଦି କୌଣସି ଶିକ୍ଷାଗତ ଯୋଗ୍ୟତା, ସ୍ଥାୟୀ ବାସିନ୍ଦା କିମ୍ବା ଜାତିଗତ ପ୍ରମାଣ ପତ୍ର ଉପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଥାଏ ତେବେ ଯେ କୌଣସି ବ୍ୟକ୍ତି ତା ୧୫.୦୩.୨୦୨୧ ରିଖ ଠାରୁ ତା ୨୧.୦୩.୨୦୨୧ ରିଖ ସମୟ ଅପରାହ୍ଣ ଘ ୪.୦୦ ଣ୍ଟା । ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଙ୍କୁ ଲିଖିତ ଆକାରରେ ଜଣାଇବେ।

ପରିପତ୍ର ସଂଖ୍ୟା 187 ତାରିଖ:- 26.02.2021

ଏହାର ଏକକିତ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ / ପୌର ପରିଷଦ ନୋଟିସ ବୋର୍ଡ / ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ) , ହିଞ୍ଜିଳିକାଟୁ ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ହିଞ୍ଜିଳିକାଟୁ

ଜନ ସୂଚନା ଅଧିକାରୀ
ଶିଶୁ ବିକାଶ ପ୍ରକଳ୍ପ, ହିଞ୍ଜିଳିକାଟୁ

ପରିପତ୍ର ସଂଖ୍ୟା 188 ତାରିଖ :-26.02.2021

ଏହାର ଏକକିତ ନକଲ ଅଧକ୍ଷ୍ୟ ପଞ୍ଚାୟତ ସମିତି , ହିଞ୍ଜିଳିକାଟୁ/ ବିଜ୍ଞାପିତ ଅଞ୍ଚଳ ଅଧକ୍ଷ୍ୟ , ହିଞ୍ଜିଳିକାଟୁ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହିଞ୍ଜିଳିକାଟୁ/ ଭାରପ୍ରାପ୍ତ ମେଡିକାଲ ଅଧିକାରୀ, ବେଲଗାଁ / ତହସିଲଦାର, ହିଞ୍ଜିଳିକାଟୁ ଅବଗତି କରାଇ ଏଥିରେ ଏକ ଅବିକଳ ନକଲ କରି ଉକ୍ତ କାର୍ଯ୍ୟାଳୟକୁ ପଠାଇବା ସଙ୍ଗେ ବିଜ୍ଞାପନର ବହୁଳ ପ୍ରଚାରର ପଦକ୍ଷେପ ନେବା ପାଇଁ ଅନୁରୋଧ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ହିଞ୍ଜିଳିକାଟୁ

ଜନ ସୂଚନା ଅଧିକାରୀ
ଶିଶୁ ବିକାଶ ପ୍ରକଳ୍ପ, ହିଞ୍ଜିଳିକାଟୁ

ପରିପତ୍ର ସଂଖ୍ୟା 189 ତାରିଖ :- 26.02.2021

ଏହାର ଏକକିତ ନକଲ ସରପଞ୍ଚ , ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଙ୍କ ଅବଗତି ନିମନ୍ତେ ପ୍ରେରଣା କରାଯାଇ ଏହାର ବହୁଳ ପ୍ରଚାରର ପଦକ୍ଷେପ ନେବା ପାଇଁ ଅନୁରୋଧ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ହିଞ୍ଜିଳିକାଟୁ

ଜନ ସୂଚନା ଅଧିକାରୀ
ଶିଶୁ ବିକାଶ ପ୍ରକଳ୍ପ, ହିଞ୍ଜିଳିକାଟୁ

ପରିପତ୍ର ସଂଖ୍ୟା 190 ତାରିଖ :- 26.02.2021

ଏହାର ଏକକିତ ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଗଞ୍ଜାମ ଛତ୍ରପୁର ଓ ଉପଜିଲ୍ଲାପାଳ ତଥା ଚୟନ କମିଟି ଅଧକ୍ଷ ଛତ୍ରପୁର ,ଗଞ୍ଜାମ ଙ୍କ ଅବଗତି ନିମନ୍ତେ ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ହିଞ୍ଜିଳିକାଟୁ

ଜନ ସୂଚନା ଅଧିକାରୀ
ଶିଶୁ ବିକାଶ ପ୍ରକଳ୍ପ, ହିଞ୍ଜିଳିକାଟୁ

ପରିପତ୍ର ସଂଖ୍ୟା :191 ତାରିଖ :- 26.02.2021

ଏହାର ଏକକିତ ନକଲ ସମସ୍ତ ମଣ୍ଡଳପରିଦର୍ଶୀକା, , ହିଞ୍ଜିଳିକାଟୁ/ ଖାଲିଥିବା କେନ୍ଦ୍ରର ନିକଟସ୍ଥ ଅଙ୍ଗନ୍ୱାଡି କର୍ମୀଙ୍କ ଅବଗତି ଏବଂ ବହୁଳ ପ୍ରସାରଣ ନିମନ୍ତେ କୁହାଗଲା ଏବଂ ନିର୍ଦ୍ଦେଶ ଦିଆଗଲାକି , ସମ୍ପୃକ୍ତ କେନ୍ଦ୍ରାଞ୍ଚଳ ର ଜନବହୁଳ ଜାଗାରେ ଏହାର ନକଲ ପ୍ରସାରଣ ନିମନ୍ତେ ଲଗାଇବେ ଏବଂ ସମ୍ପୃକ୍ତ କେନ୍ଦ୍ରର ମହିଳା ସ୍ୱୟଂ ସହାୟିକା ଦଳକୁ ଅବଗତି କରାଇବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ହିଞ୍ଜିଳିକାଟୁ

ଜନ ସୂଚନା ଅଧିକାରୀ
ଶିଶୁ ବିକାଶ ପ୍ରକଳ୍ପ, ହିଞ୍ଜିଳିକାଟୁ